# Akashvani, Sambalpur

# SAMBALPURI NEWS MORNING BULLETIN

## 6 June 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ-ସମ୍ବଲପୁର          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନ୍‌କିଆ ସମ୍ବଲ୍‌ପୁର୍ ଗସ୍ତଥି ଆସୁଛନ୍ । ଦିନର୍ ୧୧ ବଜେ ମୁଖ୍ୟମନ୍ତ୍ରୀ ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍ ନ ପୁହୁଁଚିବେ । ସେନୁ ସମ୍ବଲ୍‌ପୁର୍ ଆସିକରି ପିତାପାଲି ଫୁଟ୍‌ବଲ୍ ଏକାଡେମୀ ପରିଦର୍ଶନ୍ କର୍‌ବେ । ସମଲେଶ୍ୱରୀ ଫୁଟ୍‌ବଲ୍ କ୍ଲବ୍ ନ ତିଆର୍ ହେଇଥିବା ସନ୍ତରଣାଗାର, ୩ ଟା ଫୁଟ୍‌ବଲ୍ ପଡ଼ିଆ ଆଉ ଜିମ୍‌ନାସିଅମ୍ ବୁଲି ଦେଖିବେ । ସଞ୍ଝିବେଲେ ଗଙ୍ଗାଧର୍ ମଣ୍ଡପ୍ ନ ଚାଲିଥିବା ଜାତୀୟସ୍ତରର୍ କବାଡ଼ି ପ୍ରତିଯୋଗିତାଥି ଭିଲ୍ ସାମିଲ୍ ହେବାର୍ କାର୍ଯ୍ୟସୂଚୀ ରହିଛେ । ଖେଲାଲିମାନ୍‌କୁ ପ୍ରୋତ୍ସାହିତ୍ କର୍‌ବାର୍ ଲାଗି ଇ ଦୁହି କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ ।

ଚାଉଲ୍‌ର ମିଲିଂ ଖର୍ଚ୍ଚ ବୃଦ୍ଧି ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଚାଉଲ୍‌ର ମିଲିଂ ଖର୍ଚ୍ଚା ବଢ଼େଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ଇ ନିଷ୍ପତି ଅନ୍‌ସାରେ ଉଷୁନା ଚାଉଲ୍‌ର ମିଲିଂ ଖର୍ଚ୍ଚା କ୍ୱିଂଟାଲ୍ ପିଛା ୨୦ ନୁ ୪୦ ଟଙ୍କାକେ ବଢ଼ାଯାଇଛେ । ସେନ୍ତା ଘରୁଆ ଚାଉଲ୍‌ର ମିଲିଂ ଦାମ୍ ୧୦ ନୁ ୨୦ ଟଙ୍କାକେ ବଢ଼ିଛେ । ଇଥିର୍‌ଲାଗି ମିଲର୍ ମାନ୍‌କର୍ ସମସ୍ୟା ଦୂର୍ ହେବାର୍ ସହେତେ ଚାଷୀମାନ୍‌କର୍‌ନୁ ସୁରୁଖୁରୁଥି ଧାନ୍ ଘିନାଯାଇପାର୍‌ବା ଆଉ ରାଜ୍ୟର୍ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ବର୍‌କସ୍ ହେବା ବଲି ମୁଖ୍ୟମନ୍ତ୍ରୀ ଆଶ୍ କରିଛନ୍ ।

ମୁଖ୍ୟ ଶାସନ୍ ସଚିବ ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ସର୍‌କାର୍‌ଙ୍କର୍ ୨ ବର୍ଷର୍ ସଫଲତାକେ ନେଇକରି ସାରା ରାଏଜେ ଜନସମ୍ପୃକ୍ତି କାର୍ଯ୍ୟକ୍ରମ୍‌ର ପ୍ରସ୍ତୁତି ବାବ୍‌ଦେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ବୈଠକ୍‌ଥି

ଅଧ୍ୟକ୍ଷତା କରିକରି ସବୁ ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଆଭାସୀ ଜରିଏ ସର୍‌କାରୀ ଯୋଜ୍‌ନାର୍ ହିତାଧିକାରୀମାନେ କେନ୍ତା ଉପକୃତ ହେଉଛନ୍ ଆଉ ଲୁକ୍‌କର୍ ପାଖ୍‌କେ  ଭିନ୍ ଭିନ୍ ଯୋଜ୍‌ନାର୍ ଲାଭ୍ ଅଏତ୍‌କାନୁ ଅଏତ୍‌କା ପୁହୁଁଚାଯାଇପାର୍‌ବା ତାର୍ ଉପ୍‌ରେ ଜୋର୍ ଦେଇଥିଲେ ।

 ଆଏବା ୧୨ ତାରିଖ୍‌ନୁ ଜିଲ୍ଲା ବ୍ଲକ୍ ଆଉ ଗ୍ରାମ୍ ପଂଚାୟତ୍‌ସ୍ତର୍ ନ ଭିନ୍ ଭିନ୍ ଜନସମ୍ପୃକ୍ତି କାର୍ଯ୍ୟକ୍ରମ୍, ପ୍ରଦର୍ଶନୀ, ସଚେତନତା ଶିବିର ଆଉ ଜନସମ୍ବାଦ୍ ଆୟୋଜନ୍ କରାଯିବାର୍ ବାବ୍‌ଦେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ହେମନ୍ତ ଶର୍ମା ବିସ୍ତୃତ ତଥ୍ୟ ଉପସ୍ଥାପନ୍ କରିଥିଲେ ।

ନିଟ୍ ୟୁଜି        ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ -ରାଏଜେ ଆଏବା ୨୧ ତାରିଖ୍ ଦିନ ହେବାର୍‌କେ ଥିବା ନିଟ୍ ୟୁଜି -୨୦୨୬ ପୁନଃ ପରୀକ୍ଷାକେ ସ୍ୱଚ୍ଛ ସୁରକ୍ଷିତ୍ ଆଉ ସୁରୁଖୁରୁଥି ପରିଚାଳନା ଲାଗି ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍ ସଫଲ୍ ଆୟୋଜନ୍ ଲାଗି ମୁଖ୍ୟ

ଶାସନ୍ ସଚିବ ଜିଲ୍ଲା ପ୍ରଶାସନ୍‌କେ ସର୍ବୋଚ୍ଚ ପ୍ରାଥମିକତା ଭିତିଥି ଆବଶ୍ୟକ୍ ପଦକ୍ଷେପ୍ ନେବାର୍‌କେ ପରାମର୍ଶ ଦେଇଛନ୍ । ସୁରକ୍ଷା ବ୍ୟବସ୍ଥା, ପରୀକ୍ଷା ସାମଗ୍ରୀର୍ ନିରାପଦ୍ ପରିବହନ୍, ପରୀକ୍ଷା କେନ୍ଦ୍ରମାନ୍‌କର୍ ପ୍ରସ୍ତୁତି ଆଉ ଆବଶ୍ୟକ୍ ସମନ୍ୱୟ ଉପ୍‌ରେ ଶ୍ରୀମତୀ ଗର୍ଗ ଜୋର୍ ଦେଇଛନ୍ ।

ସ୍ନାତକୋତର ଡାକ୍ତରୀ ସିଟ୍ ଆଇ ଆଣ୍ଡ୍ ପି.ଆର୍

ନେସ୍‌ନାଲ୍ ବୋର୍ଡ଼ ଅଫ୍ ଏକ୍ସାମିନେସନ୍‌ସ୍ ଇନ୍ ମେଡ଼ିକାଲ୍ ସାଇନ୍ସ ଓଡ଼ିଶାକେ ଅଏତ୍‌କା ୬ ଟା ସ୍ନାତକୋତର ଡାକ୍ତରୀ ସିଟ୍ ଲାଗି ମାନ୍ୟତା ଦେଇଛେ । ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ କୋରାପୁଟ୍‌ର ଶହୀଦ୍ ଲକ୍ଷ୍ମଣ ନାଏକ୍ ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍‌ର ପ୍ରସୂତୀ ଆଉ ସ୍ତ୍ରୀରୋଗ ବିଭାଗ୍‌କେ ୪ ଟା ସିଟ୍ ଆଉ ପୁରୀ ଜିଲ୍ଲା ମୁଖ୍ୟଚିକିତ୍ସାଳୟକେ ୨ ଟା ଏମ୍‌ବିବିଏସ୍ ଡିପ୍ଲୋମା ସିଟ୍‌କେ ସ୍ୱିକୃତୀ ମିଳିଛେ । ଇଥି ରାଜ୍ୟ ନ ଡାକ୍ତରୀ ଶିକ୍ଷା ଆଉ ବିଶେଷଜ୍ଞ ସ୍ୱାସ୍ଥ୍ୟସେବାକେ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ୍ ମିଲ୍‌ବା । ସେଥିର୍‌ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର

ମୋଦୀ ଆଉ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଧନ୍ୟବାଦ୍ ଦେଇଛନ୍ ।

ବ୍ରିକ୍ସ ସମ୍ମିଳନୀ        ପୁରୀ ସମ୍ବାଦଦାତା

ପୁରୀ ନ ହେଇଥିବା ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର୍ ଉଦ୍ୟାପନୀ ଦିବସ୍‌ଥି ଗଲାକାଏଲ୍ ବ୍ରିକ୍ସ ରାଷ୍ଟ୍ର ସମୂହର୍ ପ୍ରତିନିଧି ମାନେ ବିପର୍ଯ୍ୟୟ ପରିଚାଳନାଥି ନିଜର୍ ନିଜର୍ ଭିତ୍‌ରେ ସହଯୋଗ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ଆଲୋଚନା କରିଛନ୍ । ଉପର୍‌ବେଲା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍ ଅନ୍‌ସାରେ ଭିନ୍ ଭିନ୍ ଦେଶର୍ ପ୍ରତିନିଧି ମାନେ ଓଡ଼ିଶା ରାଜ୍ୟ ଜଳ ଦକ୍ଷତା ଆଉ ଜୀବନରକ୍ଷା ଅନୁଷ୍ଠାନ୍ ରାମଚଣ୍ଡୀ ପରିଦର୍ଶନ୍ କରିଥିଲେ ।

ଏସ୍‌ଆଇଆର        ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ଅଭିଯାନ୍‌ର

ଗଲାକାଏଲ୍ ୭ ନମ୍ବର୍ ଦିନ୍ ସରିଛେ । ବେଲ୍‌ବୁଡ଼ାର୍ ୬ ବଜେତକ୍ ରାଏଜେ ୧ କୋଟି ୪୫ ଲାଖ୍ ୧୫ ହଜାର୍ ୨ ଶହ ୧୨ ଝନ୍ ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଂଟାଯାଇଛେ ବଲି ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ମିଲିଛେ । ସାରା ରାଏଜେ ୪୫ ହଜାର୍ ୨ ଶହ ୫୫ ଝନ୍ ବିଏଲ୍‌ଓ ଆଉ ୩୩ ହଜାର୍ ୨୬ ଝନ୍ ବିଏଲ୍‌ଏ କାମ୍‌ଥି ନିୟୋଜିତ୍ ଅଛନ୍ । ବିଏଲ୍‌ଓମାନେ ଆଦିବାସୀ ଅଧ୍ୟୁଷିତ୍ ଆଉ ଦୁର୍ଗମ୍ ଇଲାକା ସହେତେ ଗାଁ, ସହର୍ ନ ଘର୍ ଘର୍ ଯାଇକରି ଫର୍ମ ବାଂଟୁଛନ୍ ।

ଗାଁ ଆମ୍ବ ପସରା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ସହର୍ ନ ସ୍ଥାନୀୟ ପ୍ରଶାସନ୍ ଆଉ ଓର୍‌ମାସ୍ ତର୍‌ଫୁ ସ୍ୱତନ୍ତ୍ର ଆମ୍ବ ମହୋତ୍ସବ - ଗାଁ ଆମ୍ବ ପସରା ଗଲାକାଏଲ୍ ମୁଲ୍ ହେଇଛେ । ବିଧାୟକ୍ ଜୟନାରାୟଣ୍ ମିଶ୍ର, ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆଉ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ଆୟୁକ୍ତ ରୋହନ୍ ଖତ୍ରୀ ଇତାର୍ ଶୁଭାରମ୍ଭ କରିଛନ୍ । ଚାଷୀମାନ୍‌କର୍ ଇ ଆମ୍ ପସ୍‌ରା ଆଏବା ୧୧ ତାରିଖ୍‌ତକ୍ ଚାଲ୍‌ବା । ଫି ଦିନର୍

ସଖାଲର୍ ୮ ବଜେନୁ ରାତିର୍ ୮ ବଜେତକ୍ ଲୁକ୍କର୍ ଲାଗି ଖୁଲାରହେବା । ଇ ଗାଁ ଆମ୍ଭ ପସ୍ରା ଥି ମୋଟ୍ ୧୯ ଟା ଷ୍ଟଲ୍ ଖୁଲାଯାଇଛେ ଆଉ ୧୪ ଝନ୍ ଆଗୁଆ ଚାଷୀ ଆଉ ୪ ଟା ଚାଷୀ ଉତ୍ପାଦକ ସଂଘ ଯୋଗ୍ ଦେଇଛନ୍ ।

ଜାତୀୟ ଲୋକମେଳା ଉଦ୍ଯାପିତ        ପୁରୀ ସମ୍ବାଦଦାତା

ପୁରୀ ବେଳାଭୂମିଠାନେ ଶ୍ରୀକ୍ଷେତ୍ର ସୂଚନା ତର୍ଫୁ ଗଲା ୫ ଦିନ୍ ଧରିକରି ଚାଲିଥିବା ଜାତୀୟ ଲୋକମେଳା ଆଉ ଜାତୀୟ କୃଷି ମେଳା ଉଦ୍ଯାପିତ୍ ହେଇଯାଇଛେ । ବାଚସ୍ପତି ସୁରମା ପାଢ଼ୀ ଉଦ୍ଯାପନୀ ସମାରୋହଥି ଯୋଗ୍ ଦେଇକରି ଜାତୀୟସ୍ତର୍‌ର ଇ ମେଳା ଦେଶର୍ ଲୋକ, ଜନଜାତି ଆଉ କୃଷି ପରମ୍ପରାର ଗୁଟେ ଅଦ୍ୱିତୀୟ ସମାଗମ୍ ହେଇଛେ ବଲି କହିଥିଲେ । ଇ ଅବ୍‌ସରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କୃଷି ମେଳା ବୁଲି ଦେଖ୍‌ବାର୍ ସହେତେ ଏନ୍ତା ମେଳା କୃଷକ୍ ଆଉ କୃଷି ଉପ୍‌ରେ ନିର୍ଭର୍ କରୁଥିବା ଲୋକ୍‌ମାନ୍‌କର୍ ଲାଗି ଉପାଦେୟ ହେବା ବଲି କହିଥିଲେ ।